### ଖଲ୍ଲିକୋଟରେ ଦାଦନ ଯନ୍ତ୍ରଣା

# ବିଦେଶରେ ଆଉଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ସପ୍ତାହକରେ ଗଲାଣି ୩ ଜୀବନ

**ଖଲ୍ଲିକୋଟ,୧୪।୩(ସମିସ):** ଖଲ୍ଲିକୋଟ ଅଞ୍ଚଳରେ ହଇଚଇ। ଥମିବାର ନା ଧରୁନି ଦାଦନ ମୃତ୍ୟୁ। ବିଦେଶରେ ଆଜି ଆଉଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସପ୍ତାହକ ମଧ୍ୟରେ ବିଦେଶରେ ଏହା ତୃତୀୟ ମୃତ୍ୟୁ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୋମଣ୍ଡ ଗ୍ରାମର ଶଙ୍କର ବେହେରାଙ୍କ ଆଜି ମାଲଦ୍ୱିପରେ ମୃତ୍ୟୁ ଘଟିଛି। ଶଙ୍କର ଗତ ୪ ବର୍ଷ ତଳେ ପରିବାର ପ୍ରତିପୋଷଣ ପାଇଁ ସୁଦୂର ମାଲଦୀପ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରି ଯାହା ଟଙ୍କା ପଠାଉଥିଲେ, ସେଥିରେ ଘର ଚଳୁଥିଲା। ଗତକାଲି ସେ ବିମାନ ଯୋଗେ ଗାଁକୁ ଫେରିଥାନ୍ତେ। କିନ୍ତୁ ହଠାତ୍ ଦେହ ଅସୁସ୍ଥ ଯୋଗୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆଜି ଅପରାହ୍ଣରେ ସେଠାରେ ଥିବା ସାଥୀ ଶ୍ରମିକମାନେ ଶଙ୍କରଙ୍କ ଘରକୁ ଫୋନ୍‌କରି ତାଙ୍କର ମୃତ୍ୟୁ ଘଟିଥିବା ଖବର ଦେଇଥିଲେ। ଏହି ଖବର ପାଇବା ପରେ ଶଙ୍କରଙ୍କ ଘର କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ଶଙ୍କର ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବା ବେଳେ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ସହ ଘରେ ଦୃଷ୍ଟିହୀନ ବାପା ଅଛନ୍ତି। ସେ ଟଙ୍କା ପଠାଇଲେ ପରିବାର ଚଳୁଥିଲା। ତେବେ ଆଜି ଶଙ୍କରଙ୍କ ମୃତ୍ୟୁ ଖବର ପାଇବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶଙ୍କରଙ୍କ ମୃତଦେହ ଗାଁକୁ ଫେରାଇ ଆଣିବାକୁ ପରିବାର ଲୋକେ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସେପଟେ ଗତ ୭ ଦିନ ମଧ୍ୟରେ ବିଦେଶରେ ୩ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖଲ୍ଲିକୋଟ ଅଞ୍ଚଳରେ ଚର୍ଚ୍ଚାରେ ବିଷୟ ପାଲଟିଛି।

# ରେଳ ଷ୍ଟେସନରୁ ଓଡ଼ିଆ ଶ୍ରମିକ ନିଖୋଜ



**ଦିଗପହଣ୍ଡି,୧୪।୩(ସମିସ):** ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଜଲମେରିପଲ୍ଲୀ ଗ୍ରାମର ବୁଲୁ ନାଇକ (୪୨)ଦାଦନ ଶ୍ରମିକ ଭାବେ କାମ କରିବାକୁ ମୁମ୍ବାଇ ଯାଉଥିବା ବେଳେ ପୁନେ ଜିଲ୍ଲା ଦଉଣ୍ଡ ରେଳ ଷ୍ଟେସନରେ ନିଖୋଜ ହୋଇଯାଇଥିବା ଜଣାପଡିଛି। ଏନେଇ ବୁଲୁଙ୍କ ବାପା ଗୋବିନ୍ଦ ନାଇକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଗତ ସୋମବାର ଜଲମେରୀପଲ୍ଲୀ ଗ୍ରାମର ଗୋବିନ୍ଦ ନାଇକଙ୍କ ପୁଅ ବୁଲୁ ତାଙ୍କ ଦୁଇ ସାଙ୍ଗଙ୍କ ସହ ମିଶି ମୁମ୍ବାଇ ଯିବାକୁ ବ୍ରହ୍ମପୁର ରେଳ ଷ୍ଟେସନ ଯାଇଥିଲେ। ସେଠାରୁ ସେମାନେ ସନ୍ଧ୍ୟା ୬ଟାରେ କୋଣାର୍କ ଏକ୍ସପ୍ରେସ ଟ୍ରେନ ଯୋଗେ ମୁମ୍ବାଇ ଅଭିମୁଖେ ଯାଇଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ଟ୍ରେନଟି ମହାରାଷ୍ଟ୍ରର ପୁନେ ଜିଲ୍ଲା ଦଉଣ୍ଡ ଷ୍ଟେସନରେ ପହଞ୍ଚିଥିଲା। ଏହି ସମୟରେ ବୁଲୁ ପିଇବା ପାଣି ଆଣିବାକୁ ପ୍ଲାଟଫର୍ମରେ ଓହ୍ଲାଇଥିଲେ। ଏହି ସମୟରେ ଟ୍ରେନ ଛାଡ଼ି ଦେଇଥିଲା। ଏନେଇ ତାଙ୍କ ଦୁଇ ସାଙ୍ଗ ବୁଲୁଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ଖବରପାଇ ବୁଲୁଙ୍କ ସମ୍ପର୍କୀୟ ଲୋକେ ଦଉଣ୍ଡ ଷ୍ଟେସନରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନମିଳିବାରୁ ସେଠାକାର ରେଳବାଇ ଥାନାରେ ଲିଖିତ ଭାବେ ଜଣାଇବା ପରେ ନିଖୋଜ ସମ୍ପର୍କରେ ସେଠାକାର ପୁଲିସ ପାଖରୁ କୌଣସି ସୂଚନା ନପାଇ ନିରାଶ ହୋଇ ଗ୍ରାମକୁ ଫେରିଆସିଥିଲେ। ପୁଅ ବୁଲୁର ଫେରିବା ବାଟକୁ ଚାହିଁ ବସିଥିବା ମା,ବାପା ଓ ସମ୍ପର୍କୀୟ ମାନେ ଏନେଇ ଫାସିଗୁଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇଥିଲେ। ପରେ ଶିବରାମ ବୁଲୁଙ୍କ ପରିବାର ଲୋକଙ୍କୁ ସାଙ୍ଗରେ ନେଇ ଦିଗପହଣ୍ଡି ଥାନାରେ ପହଞ୍ଚି ଆଇଆଇସି କିଶୋର କୁମାର ସାମଲଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଆଇଆଇସିଙ୍କ ପରାମର୍ଶ କ୍ରମେ ବୁଲୁଙ୍କ ବାପା ପୁଣି ଥରେ ଏତଲା ଦେବା ପରେ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ନିଖୋଜ ପୁଅର ସନ୍ଧାନ ପାଇଁ ପରିବାର ଲୋକେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଇଛନ୍ତି।

# ମା’ ଖମ୍ବେଶ୍ୱରୀଙ୍କ ମନ୍ଦିରରୁ ଚୋରି

**ଆସିକା,୧୪।୩(ସମିସ):** ଦକ୍ଷିଣ ଓଡ଼ିଶାର ଆରାଧ୍ୟା ଆସିକା ସହର ସ୍ଥିତ ମା’ଖମ୍ବେଶ୍ୱରୀଙ୍କ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ଦୁର୍ବୃତ୍ତ ମାନେ ମନ୍ଦିର ଗର୍ଭଗୃହ ତାଲା ଭାଙ୍ଗି ମା’ଙ୍କ ଅଳଙ୍କାର ଚୋରି କରିନେଇଛନ୍ତି। ମନ୍ଦିର ଭିତରେ ଲାଗିଥିବା ସିସି କ୍ୟାମେରା ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଶନିବାର ସକାଳୁ ମନ୍ଦିର ଖୋଲିବାକୁ ପୂଜାରୀ ଆସି ମା’ଙ୍କ ବିଜେ ବଖରାର ମୁଖ୍ୟ କବାଟ ତାଲା ଭାଙ୍ଗି ପଡ଼ିଥିବା ଦେଖିଥିଲେ। ଦେଖୁ ଦେଖୁ ମା’ଙ୍କ ପ୍ରତିମାରୁ ଆଖି, ନାକ, ପାଟି ଓ ଜିଭ ଇତ୍ୟାଦି ନଥିବାବେଳେ ଅନ୍ୟାନ୍ୟ ଜିନିଷପତ୍ର ଛିନ୍‌ଛତ୍ର ହୋଇ ପଡ଼ିଥିବା ଦେଖିଥିଲେ। ଏନେଇ ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ଚୋରି ଖବର ପ୍ରଚାରିତ ହେବା ମାତ୍ରେ ବହୁସଂଖ୍ୟାରେ ଭକ୍ତ ମନ୍ଦିର ନିକଟରେ ରୁଣ୍ଡ ହୋଇ ଅସନ୍ତୋଷ ପ୍ରକଟ କରିଥିଲେ। ପୁଲିସ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ଯୋଗୁ ମନ୍ଦିର ପୂଜା ନୀତିକାନ୍ତି ବିଳମ୍ବ ଘଟିଛି। ମନ୍ଦିର ପରିଚାଳନା କମିଟିର ଅଭିଯୋଗକୁ ନେଇ ଏକ ମାମଲା ରୁଜୁ କରି ପୁଲିସ ଦୁଇ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ସୁଧୀର ସାହୁ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଆସିକା ଏସ୍‌ଡିପିଓ ଓ ଆସିକା ଥାନା ଅଧିକାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛନ୍ତି। ଖୁବ୍‌ଶୀଘ୍ର ଦୁର୍ବୃତ୍ତ ଧରା ପଡ଼ିବେ ବୋଲି ପୁଲିସ ସୂଚନା ଦେଇଛି।




# ଗ୍ୟାସ୍ ବିତରଣ କେନ୍ଦ୍ରରେ ପ୍ରଶାସନର ଚଢ଼ଉ



**ଭଞ୍ଜନଗର,୧୪।୩(ସମିସ):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯେତିକି ଦିନ ବଢୁଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ନେଇଁ ଖାଉଟି ସେତିକି ବିଚଳିତ ହେବାରେ ଲାଗିଛନ୍ତି। ଚାରିଆଡ଼େ ଏବେ ଖାଇବା ତେଲ, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସକୁ ନେଇ ବିଭିନ୍ନ ପ୍ରକାର ଗୁଜବ ସୃଷ୍ଟି ହେଉଛି। ଏହାର ପରିଣାମ ଖାଉଟି ଭୋଗୁଥିବା ବେଳେ କିଛି ଅସାଧୁ ବେପାରୀ ଏଥିରୁ ଫାଇଦା ନେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶନିବାର ଭଞ୍ଜନଗରର ବିଭିନ୍ନ ଗ୍ୟାସ୍ ଦୋକାନରେ ଚଢ଼ଉ କରାଯାଇଛି।

ସୂଚନା ମୁତାବକ ଭଞ୍ଜନଗର ଉପଖଣ୍ଡରେ ୨ ଲକ୍ଷ ୫୨ ହଜାର ୮୨୯ ଜଣ ଘରୋଇ ଓ ୧୦୫୩ ଜଣ ବାଣିଜ୍ୟିକ ଗ୍ୟାସ ଉପଭୋକ୍ତା ଥିବାବେଳେ ଶନିବାର ସୁଦ୍ଧା ଉପଖଣ୍ଡରେ ୫୦୧୨ଟି ଘରୋଇ ଓ ୪୮୭ଟି ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମହଜୁଦ୍ ରହିଛି। ହେଲେ ଗତ କିଛିଦିନ ହେବ ଭଞ୍ଜନଗରରେ ବେଆଇନ ଭାବେ ଉଚ୍ଚା ଦରରେ ଗ୍ୟାସ୍ ବିକ୍ରି ହେଉଥିବା ସହ ଉଭୟ ଘରୋଇ ଓ ବାଣିଜ୍ୟିକ ଗ୍ୟାସ୍ ବୁକିଂ ହେଉନଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ ଗଠନ କରାଯାଇଥିଲା। ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଅବିନାଶ ମହାର, ଏସଆଇ ଲକ୍ଷ୍ମୀଧର ମହାନ୍ତି, ଭଞ୍ଜନଗର ଯୋଗାଣ ନିରୀକ୍ଷକ ଶୁଭଶ୍ରୀ ବନଜା ଜେନାଙ୍କୁ ନେଇ ଗଠିତ ଏକ ଟିମ୍ ଶନିବାର ଭଞ୍ଜନଗରର ବିଭିନ୍ନ ଗ୍ୟାସ ଦୋକାନରେ ଚଢ଼ଉ କରିଛନ୍ତି। ଜଣେ ଦୋକାନୀ ଗ୍ୟାସ ସିଲିଣ୍ଡର ଗୁଡିକୁ ବାହାରେ ରଖିଥିବାରୁ ତାଙ୍କୁ ତାଗିଦ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ଯୋଗାଣ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

# ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ମୃତ

**ଦିଗପହଣ୍ଡି,୧୪।୩(ସମିସ):** ଦିଗପହଣ୍ଡି ସ୍ଥିତ ସନ୍ଥ ଅରକ୍ଷିତ ଦାସ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ରିଲାଏନ୍ସ ନାମକ ଘରୋଇ ଯାତ୍ରୀବାହୀ ବସ (ନଂ. ଓଡ଼ି୦୨ଏଡି-୮୯୫୭)ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଜେ.ହରିକୃଷ୍ଣ ଦୋରା(୫୦)। ଶନିବାର ପୂର୍ବାହ୍ନ ପ୍ରାୟ ୧୦ ଟାରେ ଦିଗପହଣ୍ଡିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌ଟି ବେପରୁଆ ଭାବେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ହରିକୃଷ୍ଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏଥିସହ ବସ୍‌କୁ ଜବତ କରିଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇଛି। ହରିକୃଷ୍ଣଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ଗରିବ ଶ୍ରେଣୀର ଅସହାୟ ହରିକୃଷ୍ଣ ଗତ କିଛିଦିନ ହେଲା ଦିଗପହଣ୍ଡି ଅଞ୍ଚଳରେ ବଦାନ୍ୟ ବ୍ୟକ୍ତିଙ୍କୁ ମାଗିଯାଚି ଚଳୁଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି।

# ମା’ତାରାତାରିଣୀ ଯାତ୍ରା ଓ ମହାବାରୁଣୀ ପ୍ରସ୍ତୁତି



**ପୁରୁଷୋତ୍ତମପୁର,୧୪।୩(ସମିସ):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ତାରାତାରିଣୀ ପୀଠରେ ଆସନ୍ତା ମାର୍ଚ୍ଚ ୧୭ ମଙ୍ଗଳବାର ଦିନ ପବିତ୍ର ଚୈତ୍ର ଦ୍ୱିତୀୟ ମଙ୍ଗଳବାର ପୂଜା ପାଳିତ ହେବାକୁ ଯାଉଛି। ସେହିଦିନ ପବିତ୍ର ଋଷିକୁଲ୍ୟା ନଦୀରେ ପାରମ୍ପରିକ ମହାବାରୁଣୀ ସ୍ନାନ ମଧ୍ୟ ଅନୁଷ୍ଠିତ ହେବ। ଏହି ଦୁଇ ଧାର୍ମିକ କାର୍ଯ୍ୟକ୍ରମକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ତୃତ ପ୍ରସ୍ତୁତି ଓ ସୁବ୍ୟବସ୍ଥା କରିବା ପାଇଁ ଆଜି ପୂର୍ବାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଛତ୍ରପୁର ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପାଳି ଦିନ ଋଷିକୁଲ୍ୟା ନଦୀରେ ମହାବାରୁଣୀ ସ୍ନାନ ମଧ୍ୟ ଅନୁଷ୍ଠିତ ହେବାରୁ ଭକ୍ତମାନଙ୍କ ଭିଡ଼ ଅଧିକ ପରିମାଣରେ ବଢ଼ିବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ସୁଚାରୁ ଓ ସମନ୍ୱିତ ଭାବରେ କାର୍ଯ୍ୟକରୀ କରାଯାଉଛି। ଶ୍ରଦ୍ଧାଳୁମାନଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ପାନୀୟ ଜଳ ବ୍ୟବସ୍ଥା, ଯାତାୟାତ ଓ ପରିବହନ ସୁବିଧା, ଆଇନ ଓ ଶୃଙ୍ଖଳା ପରିଚାଳନା ଏବଂ ଆପାତକାଳୀନ ଚିକିତ୍ସା ସେବା ଉପଲବ୍ଧ କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରି ସମସ୍ତ ବ୍ୟବସ୍ଥା ସୁଚାରୁ ଭାବରେ କରିବା, ପ୍ରତାପୁର ବାରୁଣୀଘାଟ ଆଲୋକିକରଣ ନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ଏହାସହିତ ଉତ୍ସବ ସମୟରେ କୌଣସି ପ୍ରକାରର ଅବୈଧ କାର୍ଯ୍ୟକଳାପ ନ ଘଟିବା ପାଇଁ ଅବକାରୀ ବିଭାଗ ପକ୍ଷରୁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୈଠକରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ଶରତ କୁମାର ପାତ୍ର, ଏବିଡିଓ ଜୟଶ୍ରୀ ନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଭାଞ୍ଜନ ସାହୁ, ଏସଡିପିଓ ସୁଜିତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏନ୍‌ଏଏସି ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ବହୁ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଲୁଟ୍

**ରଙ୍ଗେଇଲୁଣ୍ଡା,୧୪।୩(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ଏକ ହୋଟେଲର ମ୍ୟାନେଜର ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ଡ଼ିକିରେ ରଖିଥିବା ବେଳେ ତାକୁ ଦୁର୍ବୃତ୍ତ ଲୁଟିନେଇଛନ୍ତି। ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ, ଗୋଷାଣୀନୂଆଗାଁ ଥାନା ଅଧୀନ ଖଜୁରିଆ ଗ୍ରାମର ନିରଞ୍ଜନ ସାସମଲ କନିଷ୍ଠ ଢ଼ାବାରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ଅପରାହ୍ନ ସାଢେ ୩ଟା ବେଳେ ନିରଞ୍ଜନ ହଳଦିଆପଦର ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖାରୁ ଚେକ ମାଧ୍ୟମରେ ୨ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡ଼ିକିରେ ରଖି ତହସିଲ ରୋଡ଼ ସ୍ଥିତ ଏକ ଦଲିଲ ଲେଖାଳି ଅଫିସକୁ ଯାଇଥିଲେ। ସେଠାରେ ଅଫିସ ବନ୍ଦ ଥିବାରୁ ସ୍କୁଟିକୁ ପାର୍କିଂ କରି ଫୋନରେ କିଛି ସମୟ କଥା ହୋଇ ପୁଣି କନିଷ୍ଠ ଢ଼ାବାକୁ ଯାଇ ସ୍କୁଟି ଡ଼ିକି ଖୋଲି ଦେଖିଲାବେଳକୁ ଡ଼ିକିରେ ୨ ଲକ୍ଷ ଟଙ୍କା ନଥିଲା। ଏନେଇ ନିରଞ୍ଜନ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ନଂ.୧୦୬/୨୬ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ବ୍ୟାଙ୍କ ବନ୍ଦ ରହିଥିବାରୁ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଥିବା ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ କହିଛନ୍ତି।

# ବଡ଼ଘାଟି ଜଙ୍ଗଲରେ ନିଆଁ

**ଖଲ୍ଲିକୋଟ,୧୪।୩(ସମିସ):** ଖଲ୍ଲିକୋଟ ବଡ଼ଘାଟି ଜଙ୍ଗଲରେ ଲାଗିଛି ନିଆଁ। ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି ଅଗ୍ନିଶମ ବାହିନୀ। ଆଜି ଦିନ ୧୦ଟାରେ ବଡ଼ଘାଟି ଜଙ୍ଗଲରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଖଲ୍ଲିକୋଟ, କୋଦଳା, ରମ୍ଭା, ଛତ୍ରପୁରରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ନିଆଁ ଧୀରେ ଧୀରେ ପାହାଡ଼ ଉପରକୁ ବ୍ୟାପି ଯାଉଥିବାରୁ ନିଆଁ ଲିଭାଇବା କଷ୍ଟ ହୋଇପଡ଼ିଛି। ଜଙ୍ଗଲ ଭିତରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି।



# ସାମାନ୍ୟ ବଚସାରୁ ଆକ୍ରମଣ; ୨ ଗିରଫ

**ବେଲଗୁଣ୍ଠା,୧୪।୩(ସମିସ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରନୂଆପଲ୍ଲୀ ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ମାମଲାରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୧ ତାରିଖରେ ସରନୂଆପଲ୍ଲୀ ଗ୍ରାମର ରାଜା ନାୟକଙ୍କ ସହ କୌଣସି ଏକ ସାମାନ୍ୟ ବିଷୟକୁ ନେଇ ସେହି ଗ୍ରାମର ଦୁଇ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ବଚସା ଉଗ୍ର ରୂପ ନେଇଥିଲା ଏବଂ ଅଭିଯୁକ୍ତମାନେ ରାଜାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ରାଜା ନାୟକର ଲିଖିତ ଅଭିଯୋଗ ପାଇବା ପରେ ବେଲଗୁଣ୍ଠା ପୁଲିସ ନଂ.୯୨/୨୬ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୧୧୫(୨), ୧୦୯(୧), ୩୫୧(୨) ଏବଂ ୩(୫) ଅଧୀନରେ ମାମଲା ଦାୟର କରି ସରନୁଆପଲ୍ଲୀର ମାନସ ରଞ୍ଜନ ଗୌଡ଼ (୧୯), ଲିପୁ ଓରଫ ଦୀପକ ଗୌଡ଼କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।



# ବେଆଇନ ବିସ୍ଫୋରକ ଜବତ; ୨ ଭାଇ ଗିରଫ

**ବେଲଗୁଣ୍ଠା,୧୪।୩(ସମିସ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ବରଗାଆଁରେ ବେଆଇନ୍ ବିସ୍ଫୋରକ ସାମଗ୍ରୀ ରଖିବା ମାମଲାରେ ପୁଲିସ୍ ଦୁଇଜଣ ଯୁବକଙ୍କୁ କୋର୍ଟଚାଲାଣ କରିଛି। ଶନିବାର ସକାଳେ ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ଏକ ବିଶ୍ୱସ୍ତ ସୂତ୍ରରୁ ବରଗାଁରେ ବେଆଇନ୍ ବିସ୍ଫୋରକ ଥିବା ସୂଚନା ପାଇଥିଲେ। ଏନେଇ ସେ ସଦଳବଳ ବରଗାଁରେ ଚଢ଼ଉ କରି ସେଠାରୁ ଆମୋନିଅମ୍ ନାଇଟ୍ରେଟ୍ ୮ ପ୍ୟାକେଟ, ଆଇଡ଼ିଏଲ ପାଉଡର-୯୦, ଜିଲେଟିନ୍ ରଡ୍ ୫୯୯ ଖଣ୍ଡ,୧୫ କଏଲ୍ ବ୍ଲାଷ୍ଟିଙ୍ଗ୍ ତାର ଏବଂ ୧୧ କଏଲ୍ ଡିଏଫ୍‌ଏ ତାର ଜବତ କରିବା ସହ ବଡ଼ ସାହିର ଶଙ୍କର ଜେନା (୩୮) ଏବଂ ତାଙ୍କ ଭାଇ ସାଗର ଜେନା (୨୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏନେଇ ବେଲଗୁଣ୍ଠା ଥାନାରେ କେସନଂ ୯୬/୨୬ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଥିବା ବେଲଗୁଣ୍ଠା ଥାନା ଅଧିକାରୀ ଶ୍ରୀମତୀ ଶବର କହିଛନ୍ତି।

# ବିଭିନ୍ନ ସ୍ଥାନରେ ଜାତୀୟ ଲୋକ ଅଦାଲତ





**ଭଞ୍ଜନଗର,୧୪।୩(ସମିସ):** ସ୍ଥାନୀୟ ସିଭିଲ କୋର୍ଟ ପ୍ରାଙ୍ଗଣରେ ତାଲୁକ ଆଇନ ସେବା କମିଟି ଭଞ୍ଜନଗରଙ୍କ ପକ୍ଷରୁ ୨୦୨୬ର ପ୍ରଥମ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଶେଖ୍ ମହମ୍ମଦ ଅଧ୍ୟକ୍ଷତା କରିଥିଲେ। ସିନିୟର ସିଭିଲ ଜଜ୍ ଦେବାଶିଷ ବିଷୋୟୀ, ଏସ୍‌ଡିଜେଏମ୍ ସୌମ୍ୟରଞ୍ଜନ ପୃଷ୍ଟି ଓ ଜେଏମ୍‌ଏଫ୍‌ସି ଭିୟେନା ନାୟକ ଉପସ୍ଥିତ ରହି ବିଭିନ୍ନ ବେଞ୍ଚ ମାଧ୍ୟମରେ ମାମଲାଗୁଡ଼ିକର ସମାଧାନ କରିଥିଲେ। ଲୋକ ଅଦାଲତରେ ମୋଟ୍ ୩୬୭ଟି ମାମଲା ଗ୍ରହଣ କରାଯାଇଥିଲା। ସେଥିରୁ ୨୪୬ଟି ମାମଲାର ସମାଧାନ ହୋଇଥିଲା। ଏହି ସମସ୍ତ ମାମଲାରେ ମୋଟ୍ ୩୪,୭୫,୯୬୫ ଟଙ୍କାର ସମ୍ମତି ରାଶି ନିର୍ଦ୍ଧାରିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସମ୍ପାଦକ ଜ୍ୟୋତିରାଜ ପତି, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ସୂଚନା ଅଧିକାରୀ ସନ୍ତୋଷ ନାୟକ ସହିତ ଅନେକ ଆଇନଜୀବୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଭାବେ ଆଇନଜୀବୀ ରମେଶଚନ୍ଦ୍ର ପଣ୍ଡା ଓ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଯୋଗଦେଇ ମଧ୍ୟସ୍ଥତା ମାଧ୍ୟମରେ ମାମଲାଗୁଡ଼ିକର ସମାଧାନ କରିଥିଲେ। ଏଥିରେ ଆଇନ ସେବା କମିଟି ସଦସ୍ୟ ଅଳକା ମଞ୍ଜରୀ ପଟ୍ଟନାୟକ ମଧ୍ୟ ସହଯୋଗ କରିଥିଲେ। ଆଇନଜୀବୀ ସନ୍ତୋଷ ତିଆଡି, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବଂଶୀଧର ପ୍ରଧାନ, ରବୀନ୍ଦ୍ରନାଥ ଦାସ, ରଜନୀ ପଟ୍ଟନାୟକ ଓ ସମୀର ନାୟକ ପ୍ରମୁଖ ସକ୍ରିୟ ଭାବରେ ଯୋଗଦେଇ ଲୋକ ଅଦାଲତକୁ ସଫଳ କରିଥିଲେ। କୋର୍ଟ କର୍ମଚାରୀ ଅଙ୍କନ ପ୍ରଧାନ, ସୁନୀଲ ମୁଦୁଲି, ପବିତ୍ର ପ୍ରଧାନ ପରିଚାଳନା କରିଥିଲେ।

**ଛତ୍ରପୁର:** ଛତ୍ରପୁରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଦୀପ କୁମାର ସାମଲ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ପ୍ରିତିଶ କୁମାର ରଥ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୭୩ଟି କେସର ଫଇସଲା କରି ମୋଟ ୧କୋଟି ୧୩ଲକ୍ଷ ୨୦ ହଜାର ୯୩୧ ଟଙ୍କା ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୧୦ଟି ଅନ୍ୟାନ୍ୟ ସିଭିଲ ମାମଲା ରେ ୯୮ ଲକ୍ଷ ୩୧ହଜାର ୯୧୦ ଟଙ୍କା, ଗୋଟିଏ ବ୍ୟାଙ୍କ ମାମଲାରେ ୪ଲକ୍ଷ ୮୯ହଜାର ୨୧ ଟଙ୍କା ଏବଂ ୨ ଟି ବୈବାହିକ ମାମଲାର ଫଇସଲା କରି ୧୦ ଲକ୍ଷ ଟଙ୍କା ଆଦାୟ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ, ଗଙ୍ଗାଧର ପଣ୍ଡା ଓ ବାବୁ ନାହାକ, ଆଇନଜୀବୀ ମନୋଜ କୁମାର ପାଢ଼ୀ, ନିରାକାର ମାଳି ଓ ସୁରେଶ କୁମାର ସେନାପତିଙ୍କ ସମେତ ବହୁଆଇନଜୀବୀ ମାନେ ମାମଲା ପରିଚାଳନା କରିଥିଲେ।

**ଆସିକା:** ଆସିକା କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋଜ କୁମାର, ବିଚାରପତି ସୁକାନ୍ତ କିଶୋର ଜେନା, ବିଚାରପତି ଝିଲି ଲିନା ନାୟକ, ବିଚାରପତି ଏ. ଗୀତାଞ୍ଜଳି ନାୟୁଡୁ, ବିଚାରପତି ତୃପ୍ତି ଦାଶ, ବିଚାରପତି ଜେ. ମୋହିନୀ ପ୍ରମୁଖ ଉପସ୍ଥିତ ରହି ମୋଟ ୯୫ଟି କେସର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ଆପୋସ ସମାଧାନ, ଟଙ୍କା ଫେରସ୍ତ, ମୋଟର ସମ୍ବନ୍ଧୀୟ ଦୁର୍ଘଟଣା, ବୈବାହିକ ବିବାଦ, ଦେୱାନୀ ମାମଲାର ବିଚାରଣ କରି ମୋଟ ୬୧୫୨୮୬୬ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ସ୍ୱେଚ୍ଛାସେବି ରଶ୍ମିତା ସେନାପତି, ଆସିକା ଓକିଲ ସଙ୍ଘର ବରିଷ୍ଠ ଆଇନଜୀବୀ ଚନ୍ଦ୍ର ଶେଖର ପାତ୍ର, ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଆଇନଜୀବୀ ଛବିଳରାମ ମିଶ୍ର, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଶିବ ଶଙ୍କର ପାତ୍ର, ସରୋଜ ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା, ସୁଧାଂଶୁ ପାଣିଗ୍ରାହୀ, ଯଜ୍ଞେଶ୍ୱର ଆଚାରୀ, ସନ୍ତୋଷ ପାଣିଗ୍ରାହୀ, ବିଦେଶୀ ନାହାକ, ନାରାୟଣ ବେହେରା, ଶିବରାମ ପ୍ରଧାନ, ମୋହନରାଓ ଦୋରା, ହର୍ଷ ରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



# ମାତିଛି ଦନ୍ତା; ୨୪ ଘଣ୍ଟାରେ ନେଲା ୩ ଜୀବନ

## ଭୋର୍‌ରେ ଯୁବକଙ୍କୁ ଦଳିଦେଲା ଦନ୍ତା / ଗତକାଲି ଜଙ୍ଗଲରେ ନେଇଥିଲା ୨ ଜୀବନ

ଫୁଲବାଣୀ/ଟିକାବାଲି/ଜି.ଉଦୟଗିରି, ୧୪।୩(ସମିସ): ଜି.ଉଦୟଗିରି ବନାଞ୍ଚଳରେ ଶୁକ୍ରବାର ଦନ୍ତା ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ସକାଳେ ଏହି ବନାଞ୍ଚଳ ଅନ୍ତର୍ଗତ ଟିକାବାଲି ବ୍ଲକରେ ପୁଣି ଆଉ ଜଣେ ଯୁବକଙ୍କ ଜୀବନ ନେଇଛି ଦନ୍ତା। ମୃତକ ହେଲେ ନେଡ଼ିନାଜୁ ଗ୍ରାମର ଦୁରି ପ୍ରଧାନ (୨୬)।



ବନବିଭାଗର ସୂଚନା ଅନୁଯାୟୀ, ଆଜି ଭୋର ସମୟରେ ଟିକାବାଲି ଥାନା ଅନ୍ତର୍ଗତ ସିଦିରୀଗୁଡା ନିକଟସ୍ଥ ନେଡିନାଜୁ ଗ୍ରାମର ଦୁରି ପ୍ରଧାନ(୨୬) ଜଙ୍ଗଲକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ଅନ୍ଧାର ଯୋଗୁଁ ସେ ହଠାତ ହାତୀକୁ ଦେଖି ପାରି ନଥିଲେ। ଘଟଣା ସ୍ଥଳରେ ହିଁ ଦନ୍ତା ତାଙ୍କୁ ଦଳି ମାରି ଦେଇଥିବା ଫୁଲବାଣୀ ଡ଼ିଏଫଓ ପ୍ରତାପ କୋଟାପାଲି ଏକ ପ୍ରେସ ମିଟରେ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତି ପୂରଣ ବାବଦରେ ବନବିଭାଗ ପକ୍ଷରୁ ତ୍ୱରିତ ୧ ଲକ୍ଷ ଟଙ୍କା ଓ ପରେ ୯ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଜି.ଉଦୟଗିରି ବନାଞ୍ଚଳରେ ଦୁଇଟି ଦନ୍ତା ହାତୀ ବୁଲୁଥିବା ଗ୍ରାମବାସୀ କହିଛନ୍ତି। ଆଜିର ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ବର୍ତ୍ତମାନ ଜି.ଉଦୟଗିରି ବନାଞ୍ଚଳରେ ଏହି ଦୁଇ ହାତୀ ଚଳପ୍ରଚଳ ହେଉଥିବା ପ୍ରକାଶ କରିଛନ୍ତି ଡିଏଫଓ। ହାତୀଙ୍କ ଗତିବିଧି ଟ୍ରାକିଂ କରିବା ଓ ଘଉଡ଼ାଇବାକୁ ଚାରିଟି ଟିମ କରାଯାଇଛି। ଅପରାହ୍ନ ୫ ରୁ ସକାଳ ୬ଟା ପର୍ଯ୍ୟନ୍ତ ଜଙ୍ଗଲକୁ ନ ଯିବା ପାଇଁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ବନଖଣ୍ଡ ଅଧିକାରୀ।

ପ୍ରକାଶ ଥାଉକି, ଶୁକ୍ରବାର ସନ୍ଧ୍ୟାରେ ରାଇକିଆ ବ୍ଲକ ପେଟାପାଙ୍ଗା ପଞ୍ଚାୟତ ଡମ୍ବା ଗ୍ରାମ ନିକଟସ୍ଥ ଜଙ୍ଗଲରେ ହାତୀ ଆକ୍ରମଣରେ ଦୁଇ ଜଣ ଗ୍ରାମବାସୀ ବାମଦେବ ପ୍ରଧାନ ଓ କୀର୍ତ୍ତନ ବଗର୍ତ୍ତିଙ୍କ ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଶବ ଜଙ୍ଗଲରୁ ଅଣାଯାଇପାରିନଥିଲା। ସମସ୍ତ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ ଗତବର୍ଷ ମଧ୍ୟ ଜି.ଉଦୟଗିରି ବନାଞ୍ଚଳରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରତିବର୍ଷ ହାତୀପଲ ଏହି ସମୟରେ ଭଞ୍ଜନଗର ଅଞ୍ଚଳରୁ ଖାଦ୍ୟ ସନ୍ଧାନରେ ଜି.ଉଦୟଗିରି, ରାଇକିଆ, କଳିଙ୍ଗା ଜଙ୍ଗଲରେ ପ୍ରବେଶ କରି ଘରଦ୍ୱାର, ଫସଲ ନଷ୍ଟ କରିବା ସହ ଲୋକଙ୍କ ଜୀବନ ନେଉଛନ୍ତି। ବନ ବିଭାଗର ଚରମ ଅବହେଳା ଯୋଗୁଁ ନିରୀହ ଗ୍ରାମବାସୀଙ୍କ ଜୀବନ ଯାଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମାଗତ ମୃତ୍ୟୁ ପାଇଁ ସ୍ଥାନୀୟ ଲୋକେ ବନ ବିଭାଗକୁ ଦାୟୀ କରିଛନ୍ତି। ଗତକାଲି ଠାରୁ ଅଞ୍ଚଳରେ ହାତୀ ମଣିଷଙ୍କୁ ଆକ୍ରମଣ କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯାଇନାହିଁ। ଜଙ୍ଗଲରେ ହାତୀର ଗତିବିଧି ସମ୍ପର୍କରେ ଗ୍ରାମବାସୀ ଅବଗତ ନଥିବାରୁ ସେମାନେ ଜଙ୍ଗଲକୁ ଯାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ହାତୀ କେଉଁଠି ଅଛି ସେ ବିଷୟରେ ବନ ବିଭାଗ ସୂଚନା ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ସଠିକ୍ ସମୟରେ ମାଇକ ଯୋଗେ ପ୍ରଚାର କରାଯାଇଥାନ୍ତା ତେବେ ହୁଏତ ଆଜି ୩ଟି ଜୀବନ ବଞ୍ଚିପାରିଥାନ୍ତା ବୋଲି କ୍ଷୋଭର ସହ କହିଛନ୍ତି।

ବର୍ତ୍ତମାନ ବି ଅଞ୍ଚଳରେ ହିଂସ୍ର ୨ ଦନ୍ତା ବୁଲୁଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ତୁରନ୍ତ ହାତୀକୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଫୁଲବାଣୀରେ ପ୍ରଥମ ଲୋକ ଅଦାଲତ

ଫିରିଙ୍ଗିଆ/ଫୁଲବାଣୀ,୧୪।୩(ସମିସ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧୀକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମୋକଦ୍ଦମା ମାମଲା ଗୁଡ଼ିକ ମଧ୍ୟରୁ ୮୦ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୩୫ ଲକ୍ଷ ୩୪ ଟଙ୍କା ଆଦାୟ କରାଯାଇଛି। ୩୬ ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୬୩ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୩୩ ବିଦ୍ୟୁତ୍ ମାମଲା ବିଚାର କରାଯାଇ ୫ ଲକ୍ଷ ୧୮୬ ଟଙ୍କା ଆଦାୟ କରାଯାଇଛି ଏବଂ ୫ ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି। ସେହିପରି, ଅଦାଲତରେ ବିଚାରଧୀନ ମାମଲା ଗୁଡିକ ମଧ୍ୟରୁ ୫ ଏନ୍ଆଇ ଆକ୍ଟ ମାମଲାର ବିଚାର କରାଯାଇ ୪ ଲକ୍ଷ ୭୯ ହଜାର ୪୧୩ ଟଙ୍କା ଆଦାୟ କରାଯାଇଥିବା ବେଳେ ଗୋଟିଏ ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୬୦ ହଜାର ୯୭ ଟଙ୍କା ଓ ୨୦ ପଇସା ଆଦାୟ କରାଯାଇଛି। ଏଥିସହିତ ୨ ବୈବାହିକ ବିବାଦ ଫୈସଲା କରାଯାଇଥିବା ବେଳେ, ୬୧୬ ରାଜସ୍ୱ ମାମଲା, ୩ ଫୌଜଦାରୀ ସାଲିସ ଯୋଗ୍ୟ, ଅନ୍ୟାନ୍ୟ ୬ ଦେୱାନୀ ମାମଲା ଏବଂ ୧୩୬ ଫୌଜଦାରୀ ମାମଲା ବିଚାର କରାଯାଇ ୧ ଲକ୍ଷ ୯୬ ହଜାର ୮୦୯ ଟଙ୍କା ଆଦାୟ କରାଯାଇଛି। ଆଜିର ଏହି ଲୋକ ଅଦାଲତରେ ପ୍ରାକ ମୋକଦ୍ଦମାଗୁଡିକ ମଧ୍ୟରୁ ୧୫୪ ଓ ଅଦାଲତରେ ବିଚାରାଧୀନ ମାମଲାଗୁଡିକ ମଧ୍ୟରୁ ୭୬୯ ମାମଲାର ଫଇସଲା କରାଯାଇଛି। ଜିଲ୍ଲାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟବିଚାର ବିଭାଗୀୟ ବିଚାରପତି ବନାଲି ତ୍ରିପାଠୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ପ୍ରିୟ ରଞ୍ଜନ ଓଝା, ମହିଳା ଅଦାଲତ ବିଚାରପତି ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଶ୍ୱକଲ୍ୟାଣୀ ମିଶ୍ର, ଏସଡିଜେଏମ ସୌମ୍ୟା ସୋନାଲିକା ଓ ଜେଏମ୍ଏଫସି, ଏଲ.ଆର ଆଣ୍ଡ ଏଲ.ଟି.ଭି ବଦ୍ରିନାରାୟଣ ବିଶ୍ୱାଳ ଉପସ୍ଥିତ ରହି ମାମଲାର ବିଚାର କରିଥିଲେ।

# ଟିକାବାଲିରେ ବିଜେଡିର ସାଂଗଠନିକ ପ୍ରସ୍ତୁତି





ଟିକାବାଲି,୧୪।୩(ସମିସ): ଆଗାମୀ ସାଧାରଣ ନିର୍ବାଚନ ଓ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଟିକାବାଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଟିକାବାଲି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨୩ରେ ହେବାକୁ ଥିବା ବିଶାଳ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ପାଇଁ ଏହି ଅବସରରେ ବ୍ଲକ ବିଜେଡିର ବରିଷ୍ଠ ନେତୃବୃନ୍ଦ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ବ୍ଲକ ବିଜେଡି ସଭାପତି

**୨୩ରେ କର୍ମୀ ସମ୍ମିଳନୀ, ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା**

ସତ୍ୟବାନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସକ୍ରିୟ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ। ମାର୍ଚ୍ଚ ୨୩ ତାରିଖର କାର୍ଯ୍ୟକ୍ରମକୁ କିଭଳି ଶୃଙ୍ଖଳିତ ଓ ସଫଳ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକ ଶେଷ ହେବା ପରେ ଏକ ପ୍ରତିନିଧି ଦଳ ଟିକାବାଲି ଥାନାକୁ ଯାଇ ନବାଗତ ଥାନା ଅଧିକାରୀ ସମୀର କୁମାର ବେହେରାଙ୍କୁ ସାକ୍ଷାତ କରିଥିଲେ। ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏଥିସହ ଆସନ୍ତା କର୍ମୀ ସମ୍ମିଳନୀର ଶୃଙ୍ଖଳିତ ପରିଚାଳନା ପାଇଁ ଆଇନଗତ ଅନୁମତି ନେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ସହଯୋଗ ଲୋଡ଼ିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଭାପତି ସତ୍ୟବାନ କହଁରଙ୍କ ସମେତ, ପ୍ରଦୀପ ଦିଗାଳ, ତନୁଜ ଭୋଇ, ପ୍ରତାପ ଦାସ, ବୀରସେନ ଦିଗାଳ, କୁନ୍ଦରୁ ମଳିକ ଏବଂ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ରହି ସାଂଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

# ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ

ଫିରିଙ୍ଗିଆ/ଫୁଲବାଣୀ,୧୪।୩(ସମିସ): ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରଥମ ପିଏମ୍ ଶ୍ରୀ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପିଏମ୍ ଶ୍ରୀ ଯୋଜନା ଦ୍ୱାରା ବିଦ୍ୟାଳୟର ଭିତ୍ତିଭୂମି ସହ ଶିକ୍ଷାଦାନର ମାନ ଅଧିକ ଉନ୍ନତ ହୋଇପାରିଛି, ଯାହା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ। ଏଥିସହ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ନୂତନ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରଛାତ୍ରୀଙ୍କୁ



ନିଷ୍ଠା ସହ ପାଠପଢ଼ି ଭବିଷ୍ୟତରେ ଜିଲ୍ଲା ଓ ରାଜ୍ୟର ଗୌରବ ବଢ଼ାଇବା ପାଇଁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମୁଖ୍ୟ ଆକର୍ଷଣ ସାଜିଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତିଭା ମଞ୍ଜରୀ ପରିଚାଳନା କରିଥିବାବେଳେ ରାକେଶ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ, ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ସର୍ବେଶ୍ୱର ମିଶ୍ର, ବରିଷ୍ଠ ଶିକ୍ଷକ ଦିଲୀପ କୁମାର ପ୍ରଧାନ, ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଉପସ୍ଥିତ ଥିଲେ।

■ ଗାଁକୁ ଫେରିଲା ଦାଦନଙ୍କ ମୃତଦେହ

# ମିଳିଲାନି ସରକାରୀ ସହଯୋଗ, ଜମି ବନ୍ଧା ରଖି ଆଣିଲେ ଶବ

ଫିରିଙ୍ଗିଆ,୧୪।୩(ସମିସ): ସହାୟତା କଲାନି ଜିଲ୍ଲା ଶ୍ରମ ବିଭାଗ କିମ୍ବା ସରକାର। ଶେଷରେ ବାଧ୍ୟ ହୋଇ ଜମି ବନ୍ଧା ରଖି ଟଙ୍କା ନେଇ ତାମିଲନାଡୁରୁ ଶବ ଆଣିଲେ ପରିବାର ଲୋକେ। ଏପରି ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ କେଲାପଡା ପଞ୍ଚାୟତର ଗୁରୁପଡା ଗାଁରେ। ଗାଁର କୁରୁପତି ଦିଗାଲ ୬ ମାସ ପୂର୍ବେ ଦାଦନ ଖଟିବାକୁ ତାମିଲନାଡୁର ତିରିପୁର ଅଞ୍ଚଳକୁ ଯାଇଥିଲେ। ୱେଲଡିଂ ଦୋକାନରେ ଶ୍ରମିକ ଭାବରେ କାମ କରୁଥିଲେ। ଦେହ ଅସୁସ୍ଥ ହେବାରୁ କୋଏମ୍ବାଟୁର ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଗତ ୧୧ ତାରିଖରେ ମୃତ୍ୟୁ ହୋଇଥିଲା। ପରିବାର ଲୋକ ମୃତଦେହ ଗାଁକୁ ଆଣିବାକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ଜାଗାକୁ ଯାଇ ନିବେଦନ କରିଥିଲେ। କିନ୍ତୁ କୌଣସି ପ୍ରଶାସନିକ ଅଧିକାରୀ କିଛି ଶୁଣି ନଥିଲେ। ଶେଷରେ ପରିବାର ଲୋକେ ନିଜର ଜମି ବନ୍ଧା ରଖି ଅର୍ଥ ଯୋଗାଡ଼ କରି ମୃତଦେହ ଘରକୁ ଫେରାଇ ଆଣିଛନ୍ତି। ଆଜି ଗାଁରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଗାଁ ଶ୍ମଶାନରେ ଶବଦାହ କରାଯାଇଛି। କାମ ଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଫିରିଙ୍ଗିଆ ବ୍ଲକରୁ ୧୦ରୁ ଅଧିକ ଶ୍ରମିକଙ୍କ ଜୀବନ ଗଲାଣି। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ଜିତିଲା ଜଗା ୟୁନାଇଟେଡ

ଫିରିଙ୍ଗିଆ,୧୪।୩(ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ମିନି ଷ୍ଟାଡିଅମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଆଜି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ରାହୁଲ ଏଫ୍‌ସିକୁ ହରାଇ ଜଗା ୟୁନାଇଟଡ଼ ଭୁବନେଶ୍ୱର ବିଜୟୀ ହୋଇ ସେମିଫାଇନାଲକୁ ଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ ପାତ୍ର, ଜିଲ୍ଲା ଉପ ସଭାପତି ଗୋଲକ କହଁରଙ୍କ ସହ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ମ୍ୟାଚରେ ରାହୁଲ ଏଫସି ଖେଳ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ଅସମର୍ଥ ହୋଇଥିଲା। ରାହୁଲ ଏଫ୍‌ସିକୁ



୩-୧ରେ ହରାଇ ଜଗା ୟୁନାଇଟେଡ଼ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି। ଏହି ଖେଳକୁ ଇଣ୍ଡିଆନ ସୁପର ଲିଗ ଖେଳାଉଥିବା ବରିଷ୍ଠ ରେଫରୀ ଶିବଶଙ୍କର ପଣ୍ଡାଙ୍କ ସହ ଶଶୀକାନ୍ତ ଦାସିଆ, ସୁଜିତ ରାଜହଂସ ପରିଚାଳନା କରିଥିଲେ। ଫିରିଙ୍ଗିଆ ବ୍ଲକ କ୍ରୀଡ଼ା ସଂଘ ସଭାପତି ଶିବଶଙ୍କର ମହାପାତ୍ର, କେଶବ କହଁର, କାମେଶ୍ୱର କହଁରଙ୍କ ସହ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗାଡ଼ି ସହ ୧୦୫ କେଜି ଗଞ୍ଜେଇ ଜବତ

ବାଲିଗୁଡ଼ା,୧୪।୩(ସମିସ): କ.ନୂଆଗାଁ ପୁଲିସ ୧୦୫ କେଜି ଗଞ୍ଜେଇ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ଆନ୍ତରାଜ୍ୟ ଗଞ୍ଜେଇ ମାଫିଆକୁ କାବୁ କରିବାରେ ବିଫଳ ହୋଇଛି। ସୂଚନା ଅନୁଯାୟୀ କ.ନୂଆଗାଁ ଥାନା ଅନ୍ତର୍ଗତ ଲେଡିଙ୍ଗିଆ ଘାଟିରେ ଏକ ଆଇଚର ଗାଡିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ କ.ନୂଆଗାଁ ପୁଲିସର ଏକ ୧୦ ଜଣିଆ ଦଳ ଚଢ଼ଉ

**ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଫେରାର**

କରିଥିଲା। ପୁଲିସକୁ ଦେଖି ମାଫିଆ ଓ ଡ୍ରାଇଭର ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ମାଫିଆ ଜଣକ କନ୍ଦିବାନ୍ଧା ଗ୍ରାମର ସାହିଲ ପ୍ରଧାନ ବୋଲି ପୁଲିସ କହିଛି। ଗଞ୍ଜେଇ ଅଖାରେ ଥିବା ୧୦୫ କେଜି ଗଞ୍ଜେଇ ଜବତ କରିବା ସହ ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଆଇଚରକୁ ଜବତ କରିଛି ପୁଲିସ। ଆଇଆଇସି ଆଶୁତୋଷ ଜେନାଙ୍କ ନେତୃତ୍ୱରେ ଟିମ ହୋଇଥିବା ବେଳେ ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ ଓ ଦମୟନ୍ତୀ ବେହେରା, ଏଏସଆଇ ବାସୁଦେବ ପଣ୍ଡାଙ୍କ ସମେତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ। ଏକ ଏନ୍‌ଡିପିଏସ ମାମଲା ରୁଜୁ କରି ଗଞ୍ଜେଇ ମାଫିଆ ସାହିଲ ପ୍ରଧାନକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଆଶୁତୋଷ ଜେନା କହିଛନ୍ତି।

# ଡାଙ୍ଗାଣାମୁ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ସଂକଟ





ଫିରିଙ୍ଗିଆ,୧୪।୩(ସମିସ): ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢିବା ସହ ଚୁଆ, କୂଅ, ନଳକୂପ ନାଳର ପାଣି ଶୁଖିବାରେ ଲାଗିଛି। ଯାହାକୁ ନେଇଁ ଗାଁ ଗାଁରେ ଏବଂ ବିଦ୍ୟାଳୟ ସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଅନେକ ଅଙ୍ଗନବାଡ଼ି କେନ୍ଦ୍ର ସହ ବିଦ୍ୟାଳୟମାନଙ୍କରେ ନଳକୂପ ଖରାପ ଥିବାରୁ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଉପର ଡାଙ୍ଗାଣାମୁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଜଳ ସଂକଟ ତୀବ୍ର ହୋଇଛି। ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ ଜଣ ଶିକ୍ଷକ ମଧ୍ୟ ଅଛନ୍ତି। ବିଦ୍ୟାଳୟରେ ନଳକୂପ କିଛିଦିନ ହେବ ଅଚଳ ହୋଇ ପଡିଥିବାରୁ

**ନଳକୂପ ଅଚଳ, ତୁରନ୍ତ ମରାମତି ପାଇଁ ଦାବି**

ପାଣି ପାଇଁ ଅସୁବିଧା ଭୋଗିବା ସହ ଗାଁର ବହୁ ଦୂରରେ ଥିବା ଅନ୍ୟ ଏକ ଜାଗାରୁ ପାଣି ଆଣି ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାର କରାଯାଉଛି।

ତୁରନ୍ତ ବିଦ୍ୟାଳୟରେ ନଳକୂପ ମରାମତି କରା ନଗଲେ ଆଗାମୀ ଦିନରେ ପାଣି ପାଇଁ ବହୁ ଅସୁବିଧା ହେବା ସହ ସମସ୍ୟା ଦେଖାଦେବ। ତୁରନ୍ତ ବିଦ୍ୟାଳୟ ନିକଟରେ ଥିବା ନଳକୂପ ମରାମତି ସହ ପାଣି ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସହ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ଆମ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ତୁରନ୍ତ ନଳକୂପ ମରାମତି ପାଇଁ ବ୍ୟବସ୍ଥା କରାଯିବାକୁ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି।

## ସମସ୍ୟା ଘେରରେ ମାଣ୍ଡିମେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶ୍ରେଣୀଗୃହ ଓ ଶିକ୍ଷକ ଅଭାବ; ବାରଣ୍ଡାରେ ଶିକ୍ଷାଦାନ

ମୋହନା,୧୪।୩(ସମିସ)

ମୋହନା ବ୍ଲକ ମାଣ୍ଡିମେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ସମସ୍ୟା ଘେରରେ ରହିଛି। ୧୯୫୭ ମସିହାର ଏହି ବହୁ ପୁରାତନ ସରକାରୀ ବିଦ୍ୟାଳୟରେ ବାଲ୍ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟରେ ୯ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ନିୟୋଜିତ ଅଛନ୍ତି। ବର୍ତ୍ତମାନ ବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ପାନୀୟ ଜଳ ଠାରୁ ଆରମ୍ଭ କରି ଶ୍ରେଣୀ ଗୃହ, ଡାଇନିଙ୍ଗ ହଲ ସହ ସାମାନ୍ୟ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ବିଦ୍ୟାଳୟରେ ହୋଇପାରିନାହିଁ। ଫଳରେ ଅପରିଷ୍କାର ପାଣି ବିଦ୍ୟାଳୟ ସମ୍ମୁଖରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିବା



ସହ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏମିତି କି ବିଦ୍ୟାଳୟରେ ଶ୍ରେଣୀଗୃହ ନ ଥିବା ହେତୁ ବାରଣ୍ଡାରେ ଭଙ୍ଗାଦଦରା ଘରେ ଓ ଗୋଟିଏ କୋଠରୀରେ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏକା ସାଙ୍ଗେ ପାଠ ପଢ଼ାଯାଉଛି। ପୁରୁଣା ଶ୍ରେଣୀ ଗୃହକୁ ପୁନଃ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନଥିବା ଯୋଗୁଁ ପାଠ ପଢ଼ାରେ ବାଧା ଉପୁଜୁଛି। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସୁଥିଲେ ବି ସମାଧାନ ହୋଇ ପାରୁନଥିବା କହିଛନ୍ତି ପ୍ରଧାନଶିକ୍ଷକ। ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ବିଷୟରେ ମୋହନା ବିଡ଼ିଓ ରାଜୀବ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ନିଜେ କିଛିଦିନ ତଳେ ଏହି ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିବା କହିବା ସହ ସମସ୍ୟା ବିଷୟରେ ଅବଗତ ଥିବା କହିଛନ୍ତି। ପୁରୁଣା ଶ୍ରେଣୀଗୃହ ଯଥାଶୀଘ୍ର ମରାମତି



କରାଯିବ ଏବଂ ଜଳ ନିଷ୍କାସନ ପାଇଁ ଜଳ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଅତିଶୀଘ୍ର ବିଦ୍ୟାଳୟର ସମସ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

# ଜବରଦଖଲକାରୀଙ୍କ କବ୍‌ଜାରେ ଏମ୍ଆଇ ବିଭାଗ କେନାଲ

ପାରଳାଖେମୁଣ୍ଡି, ୧୪ ।୩ (ସମିସ)



ଗଜପତି ଜିଲ୍ଲାରେ କ୍ଷୁଦ୍ର ଜଳସେଚନ ବିଭାଗର ଉଦାସୀନତା ଏବଂ ପ୍ରଶାସନିକ ଅବହେଳାର ସିଧାସଳଖ ପ୍ରଭାବ କୃଷକଙ୍କ ଉପରେ ପଡୁଛି। ଜିଲ୍ଲାରେ କୃଷିର ବିକାଶ ଏବଂ ଜଳସେଚନର ସୁବିଧା ପାଇଁ ରାଜାରାଜୁଡା ସମୟରେ ରହିଥିଲା ୭ ସାଗର। ଏହି ସାଗରକୁ ପରସ୍ପର ସଂଯୋଗ ପାଇଁ ସ୍ୱତନ୍ତ୍ର କେନାଲ ମଧ୍ୟ ନିର୍ମାଣ ହୋଇଥିଲା। ହେଲେ ସୀମା ନିର୍ଦ୍ଧାରଣ ପରେ ବର୍ତ୍ତମାନ ଜିଲ୍ଲାରେ ରହିଛି ୫ ସାଗର। ସେଥିମଧ୍ୟରୁ ରାମସଗାର ଠାରୁ ସୀତା ସାଗରକୁ ସଂଯୋଗ କରୁଥିବା ଅପର୍ ଚ୍ୟାନେଲ୍ ନାଳ ବର୍ତ୍ତମାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଯାହା ଫଳରେ ଏକ ହଜାର ଏକରରୁ ଅଧିକ ଜମି ଜଳସେଚନରୁ ବଞ୍ଚିତ ହେବା ସହ ଚାଷୀଙ୍କୁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଜଳ ଅଭାବରୁ ଚାଷୀଙ୍କ ଅମଳ ସଠିକ ଭାବେ ହୋଇପାରୁନାହିଁ। ଆଶା ଠାରୁ କମ ଅମଳ ହୋଇ କ୍ଷତି ସହିବାକୁ ପଡୁଛି ଚାଷୀଙ୍କୁ। ପୂର୍ବରୁ ରାମସଗାର ଠାରୁ ସୀତା ସାଗର ପର୍ଯ୍ୟନ୍ତ ୪.୫ କିଲୋମିଟର ଦୀର୍ଘ ବିଶିଷ୍ଟ ଏହି ନାଳ ଉଭୟ ରାମସଗାର ଏବଂ ସୀତା ସାଗରର ଜଳସ୍ତର ପରିଚାଳନା କରିବା ସହ ଶହଶହ ଚାଷୀଙ୍କ ଏକମାତ୍ର ଭରସା ହୋଇ ରହିଥିଲା। ଏବେ ପାରଳାଖେମୁଣ୍ଡି ସହରରେ ନୂତନ ଭାବେ ଗଢ଼ି ଉଠିଥିବା ଅଞ୍ଚଳରେ କେନାଲକୁ ସଂଯୋଗ କରୁଥିବା ନାଳକୁ ଜବରଦଖଲ କରି କୋଠାବାଡ଼ି ନିର୍ମାଣ କରିଦେଇଛନ୍ତି ସହରବାସୀ। ଏଥିଯୋଗୁଁ ଚାଷୀଙ୍କ ଆଧାର ଥିବା ଏହି ନାଳର ପୁନରୁଦ୍ଧାରରେ ବାଧା ସୃଷ୍ଟି ହେଉଛି।

ଗତ ୨୦୧୮ ମସିହାରେ ଜବରଦଖଲ କାରୀଙ୍କୁ ହଟାଇବା ପାଇଁ ୧୪ କୋଠାକୁ ଭଙ୍ଗା ଯାଇଥିଲା। ସେହି ସମୟରେ ନାଳର ଉପର ମୁଣ୍ଡରେ ଥିବା କେରାଣ୍ଡି ପଞ୍ଚାୟତର ଗାନ୍ଧୀନଗର ଆଦି ଅଞ୍ଚଳରେ ରହିଥିବା ଜବରଦଖଲକାରୀଙ୍କୁ ନହଟାଯାଇ କୌଣସି କାରଣରୁ ପ୍ରଶାସନ କାମ ସାରି ଦେଇଥିଲା। ଯାହାକି ଏବେ ଜବରଦଖଲକାରୀମାନେ ନିର୍ଭୟରେ ଉଭୟ ସଗାରକୁ ସଂଯୋଗ କରୁଥିବା ନାଳ ବା କେନାଲଟିକୁ ଜବରଦଖଲ କରି ଗୃହର ଅଂଶ ବିଶେଷ କରିଛନ୍ତି। ଏହା ସହ ଘରର ଆବର୍ଜନା ପାଣି ଏହି କେନାଲକୁ ଛାଡି ଦେଉଥିବାରୁ ତଳି ଅଞ୍ଚଳରେ କେନାଲ ବର୍ତ୍ତମାନ ପୁତିଗନ୍ଧମୟ ହୋଇପଡ଼ିଛି। ପ୍ରତିବର୍ଷ ଜଳସେଚନରୁ ବଞ୍ଚିତ ହେଉଥିବା ଚାଷୀ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ ସମସ୍ତଙ୍କୁ ଗୁହାରି କରୁଛନ୍ତି। କିନ୍ତୁ ଫଳ ଶୂନ। ପ୍ରତିବର୍ଷ ବିଭାଗ ଜିଲ୍ଲାର ସମସ୍ତ ଛୋଟବଡ଼ କେନାଲକୁ ମରାମତି କରି ରବି ଫସଲ ପୂର୍ବରୁ ପ୍ରସ୍ତୁତ କରିବାକୁ କାମ କରୁଛି କିନ୍ତୁ ଏହି ରାମସଗାର ଠାରୁ ସୀତା ସଗାରକୁ ସଂଯୋଗ କରୁଥିବା ନାଳକୁ ପୁନରୁଦ୍ଧାର ନକରି କ୍ଷୁଦ୍ର ଜଳସେଚନ ବିଭାଗ ଜବରଦଖଲ ହୋଇଥିବା ଚିଠି କରି ଚୁପ୍ ରହିଯାଉଛି। ଶହ ଶହ ଚାଷୀଙ୍କ ଜମିର କଥା ଆଉ ବିଚାରକୁ ନିଆଯାଉନାହିଁ। ବର୍ତ୍ତମାନ ସ୍ଥିତି ଏଭଳି ଚାଷୀଙ୍କ କାମରେ ଆସୁଥିବା ଏହି ନାଳ ଏବେ ଅନାବନା ଗଛ ଏବଂ ବିଲାତି ଦଳରେ ଭର୍ତ୍ତି ହେବା ସହ ସହରର ନିଷ୍କାସିତ ଅବର୍ଜନା ପାଣି ଏହି ନାଳ ଦେଇ ଛାଡ଼ି ଦିଆଯାଉଛି। ସରକାରୀ ଓ ପ୍ରଶାସନ ଉଦାସୀନତା ଏବଂ ଚାଷ କାର୍ଯ୍ୟରେ କ୍ଷତି ସହୁଥିବା ଚାଷୀ ଏବେ ବାଧ୍ୟହୋଇ ନିଜ ବିଲ ବିକ୍ରିକରି ଦାଦନ ଖଟିବାକୁ ଯାଉଛନ୍ତି। ସମସ୍ୟା ନେଇ ପୂର୍ବରୁ ଅନେକ ବାର ବିଭିନ୍ନ ମହଲରେ ଅଭିଯୋଗ କରାଯାଇଛି। କିନ୍ତୁ କୃଷକଙ୍କ ପାଇଁ ଦରଦୀ ଦେଖାଉଥିବା ସରକାର ତୃଣମୂଳସ୍ତରରେ ଚାଷୀଙ୍କ ସ୍ୱାର୍ଥଲାଗି କୌଣସି ପଦକ୍ଷେପ ନେଉନାହାନ୍ତି। ଗଜପତି ପ୍ରଶାସନ ଚାଷୀଙ୍କୁ ଅମଳ ପୂର୍ବରୁ ଚାଷର ବ୍ୟବସ୍ଥା ଲାଗି କୌଣସି ସାହାଯ୍ୟ କରୁନାହିଁ କି ଅମଳ ପରେ ସଠିକ୍ ସମୟରେ ଧାନ କିଣୁନାହିଁ ବୋଲି ଏ ନେଇ ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି। ଜବରଦଖଲକାରୀଙ୍କ ଯୋଗୁଁ ନାଳ ସଫେଇ ହୋଇପାରୁ ନଥିବା ବିଭାଗୀୟ ସହକରାରୀ ଯନ୍ତ୍ରୀ ଆଶିଷ ମଲ୍ଲିକ କହିଛନ୍ତି।

## ନାବାଳିକାକୁ ବଳାତ୍କାର; ଅଭିଯୁକ୍ତ ଗିରଫ



**ମୋହନା, ୧୪।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟ ନାବାଳିକାକୁ ବଳାତ୍କାର କରି ଗର୍ଭବତୀ କରିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମଳାସପଦର ଗ୍ରାମର ତାରିଣୀ ପ୍ରଧାନ।

ପୁଲିସର ସୂଚନା ଅନୁଯାୟୀ, ଜଣେ ନାବାଳିକାର ବାପା-ମା' ଦିନ ମଜୁରିଆ ଭାବେ କାମ କରିବାକୁ ପ୍ରତିଦିନ ଘରୁ ବାହାରକୁ ଚାଲିଯିବାର ସୁଯୋଗ ନେଇ ତାରିଣୀ ପ୍ରଲୋଭନ କରି ନାବାଳିକା ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଜଣକ ଗର୍ଭବତୀ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ନାବାଳିକାଙ୍କ ମା' ତାଙ୍କୁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ନେବାପରେ ଡାକ୍ତର ଝିଅ ଗର୍ଭବତୀ ଥିବା ନେଇ ସ୍ପଷ୍ଟ କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ମୋହନା ଚାଇଲ୍ଡ ଲାଇନର ସଦସ୍ୟମାନେ ଗ୍ରାମରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ ଏବଂ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ବେଳେ ଅଭିଯୁକ୍ତ ତାରିଣୀ ଫେରାର ହୋଇଯାଇଥିଲା। ଦୀର୍ଘଦିନର ଖୋଜାଖୋଜି ପରେ ପୋଲିସ ତାଙ୍କୁ ଆଜି ଗିରଫ କରିଛି।

## ଅଟୋ ସହ ୬୦ କେଜି ଗଞ୍ଜେଇ ଜବତ; ୨ ଗିରଫ

**ପୁରୁଷୋତ୍ତମପୁର, ୧୪।୩(ସମିସ):** ପୁରୁଷୋତ୍ତମପୁର ପୁଲିସ ଶୁକ୍ରବାର ରାତିରେ ପେଟ୍ରୋଲିଂବେଳେ ଭୂତସରସିଙ୍ଗି ଝରଣ ରାସ୍ତାରେ ଯାଉଥିବା ଏକ ଅଟୋରୁ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସ୍ଆଇ ସୁଶାନ୍ତ ମିଶ୍ର ଓ ତାଙ୍କ ଟିମ ପୋଟ୍ରଲିଂ କରୁଥିବା ବେଳେ ଏକ ଅଟୋ (ନଂ.ଓଡି୦୭ଏ-୬୮୮୯)ରେ ଦୁଇ ଜଣ ଯୁବକ ୬୦କେଜି ଗଞ୍ଜେଇ କୋଦଳାରୁ ଆଣି ବ୍ରହ୍ମପୁର ଷ୍ଟେସନ ଦେଇ ସୁରାଟ ଚାଲାଣ ପାଇଁ ନେଉଥିଲେ। ଝରଣ ରାସ୍ତାରେ ପୁଲିସ ସେମାନଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତ ହେଲେ ଶାଳବଣ ଗ୍ରାମର ଅଟୋ ଡ୍ରାଇଭର କୁନା ନାୟକ (୩୫) ତାଙ୍କ ସହଯୋଗୀ ଅଚ୍ୟୁତ ଦେଓ (୨୨)। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୬୦ କେଜି ହୋଇଥିଲା। ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ୬୫୦ଟଙ୍କା ଏବଂ ଅଟୋ ଜବତ କରି ପୁରୁଷୋତ୍ତମପୁର ଥାନାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୁଳମଣି ସେଠି ସୂଚନା ଦେଇଛନ୍ତି। ଏହି ଗଞ୍ଜେଇ କିଏ ଦେଇଥିଲା ଓ କାହାରି ପାଖକୁ ପଠାଯାଉଥିଲା ସେଥି ନେଇ ଅଧିକ ତଦନ୍ତ କରାଯାଉଛି।

## ବିଭିନ୍ନ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ



**କୋଦଳା, ୧୪ ।୩(ସମିସ):** କୋଦଳା ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତରେ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିଶ୍ୱ ରଞ୍ଜନ ବେହେରା, ଜେଏମଏଫସି ଜର୍ଜ ଶୋଭନ କୁମାର ପଣ୍ଡା, ସିଭିଲ ଜର୍ଜ ରେଖାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମାମଲା ଗୁଡିକର ଫଇସଲା କରିଥିଲେ। ମୋଟ ୪୦ଟି ମାମଲାରୁ ୩୩ଟିର ସମାଧାନ ହୋଇଛି। ଅତିରିକ୍ତ ସରକାରୀ ଓକିଲ କାମାକ୍ଷା ପ୍ରସାଦ ମହାପାତ୍ର, ଦୀନବନ୍ଧୁ ମୁଦୁଲିଙ୍କ ସମେତ ବହୁ ଆଇନଜୀବୀ ମାନେ ମାମଲା ଗୁଡିକର ପରିଚାଳନା କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସିଭିଲ କୋର୍ଟ ସିନିୟର ଡିଭିଜନର ବିଚାରପତି ମହାଶ୍ୱେତା ପରିଜା ଏହାକୁ ପରିଚାଳନା କରିଥିଲେ। ଏଥିରେ ଗୋଟିଏ ଦେୱାନୀ ମାମଲାର ସମାଧାନ କରାଯିବା ସହ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଋଣ ସମ୍ପର୍କିତ ମାମଲା ଗୁଡିକର ଫୈସଲା କରାଯାଇ ୧ ଲକ୍ଷ ୩୯ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ ୧୬ଟି ଫୌଜଦାରୀ ମାମଲାର ଫୈସଲା କରିଥିଲେ। ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥି ଶିବରାମ ସାହୁ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ପ୍ରଦୀପ କୁମାର ପୁରୋହିତ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ରୁଦ୍ର ପ୍ରସାଦ ତାଣ୍ଡିଆ, ପିଲଚୁ ହେମ୍ବ୍ରମ, କେ. ନୋକେୟା, କାଳିଆ ନାୟକ, ନିରଞ୍ଜନ ଶବର, ବିକ୍ରମ ବେହେରାଙ୍କ ସମେତ ଖେମୁଣ୍ଡି ଓକିଲ ସଂଘର ବହୁ ଆଇନଜୀବୀ ସହଯୋଗ କରିଥିଲେ।

## ନିମପଲ୍ଲୀ ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ

**ଦିଗପହଣ୍ଡି, ୧୪ ।୩(ସମିସ):** ଦିଗପହଣ୍ଡି ଏନ୍ଏସି ୨ନଂ. ୱାର୍ଡ ଅଧିନ ଜନଜାତି ବହୁଳ ନିମପଲ୍ଲୀ ଗ୍ରାମ ସେବାଶ୍ରମ ସ୍କୁଲର ୯ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସମ୍ମାନିତ ଅତିଥି, ଏବିଇଓ ବିଶ୍ରବା ପାଇକ, କାଉନସିଲର ସୁଶାନ୍ତ କୁମାର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ, ସିଆରସିସି ଅନିଲ କୁମାର ଦାସ, ବରିଷ୍ଠ ଶିକ୍ଷକ ଉପେନ୍ଦ୍ର କୁମାର ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସୁଷମା ମଲ୍ଲିକ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ବୃନ୍ଦ ସମସ୍ତ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ଶିକ୍ଷାର ମହତ୍ୱକୁ ବୁଝି ଉଚ୍ଚ ଶିକ୍ଷା ଲାଭ କରି ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଜମେଶ୍ୱରୀ ଶବର, ଏମ୍. ବୁଢ଼ୀ, ସ୍ୱାସ୍ଥ୍ୟକର୍ମୀ ସୁଷମା ଖିଲ ଏବଂ ଉପସ୍ଥିତ ଅଭିଭାବକ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତାମ୍ପରା ଉନ୍ନତିକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ଛତ୍ରପୁର, ୧୪ ।୩(ସମିସ):** ଗଞ୍ଜାମ ଜିଲ୍ଲାର ତାମ୍ପରା ହ୍ରଦକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ସେମାନଙ୍କୁ ଆକୃଷ୍ଟ କରିବା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି ପଦକ୍ଷେପ। ପୂର୍ବରୁ ସୌନ୍ଦର୍ଯ୍ୟରେ ଭରପୁର ହୋଇଥିବା ତାମ୍ପରା ହ୍ରଦ କାଳକ୍ରମେ ଭାଙ୍ଗିରୁଜି ଯାଇଥିବାବେଳେ ଏବେ ଏହାର ପୁନରୁଦ୍ଧାର ଲାଗି ଅଣ୍ଟା ଭିଡିଛି ଗଞ୍ଜାମ ଜିଲ୍ଲା ପ୍ରଶାସନ। ଏଥିରେ ପୂର୍ବରୁ କରାଯାଇଥିବା ବ୍ରିଜ ଗୁଡିକ ଭାଙ୍ଗି ଯାଇଥିବା ବେଳେ ଏହାର ପୁର୍ନନିର୍ମାଣ କାର୍ଯ୍ୟ ଚାଲୁରହିଛି। ସେହିପରି ଆଲୋକୀକରଣ, ସଫେଇ, ଶୌଚାଳୟ, ରୁଫଟପ ରେଷ୍ଟୁଟାଣ୍ଟ ଆଦି ନିର୍ମାଣ ଚାଲିଛି। ପୂର୍ବରୁ ପର୍ଯ୍ୟଟକଙ୍କ ପାଇଁ ଶନିବାର ଓ ରବିବାର ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଏପ୍ରିଲରୁ ପୁଣି ଆରମ୍ଭ ହେବ ବୋଲି ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ପ୍ରୋଗ୍ରାମ ମ୍ୟାନେଜର (ଦକ୍ଷତା ବିକାଶ) ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକ ଉପସ୍ଥିତ ଥିଲେ।



## ଅନନ୍ତ ନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ

**ଧରାକୋଟ, ୧୪ ।୩(ସମିସ):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ ପିଏମ୍ଶ୍ରୀ ଅନନ୍ତ ନାରାୟଣ ସଂଯୁକ୍ତ ବିଦ୍ୟାପୀଠର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଅନର୍ଘ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଧରାକୋଟ ରାଜା ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ବିଇଓ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଇଓ ଲିଙ୍ଗରାଜ ସ୍ୱାଇଁ, ସରପଞ୍ଚ ଅଭିମନ୍ୟୁ ସେଠୀ, ସମିତି ସଭ୍ୟା ମାନିନୀ ପାତ୍ର, ସିଆରସିସି ପ୍ରମୋଦ କୁମାର ସେଠୀ, ପ୍ରାକ୍ତନ ଏବିଇଓ ସୀମାଞ୍ଚଳ ବେହେରା, ଜିଡିପଲି ପ୍ରଧାନ ଶିକ୍ଷୟିତ୍ରୀ ଛାୟା ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ଅନର୍ଘ ବିହାରୀ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାଞ୍ଜଳି ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ସମାଜସେବୀଙ୍କ ଅକାଳ ବିୟୋଗ

**ଗଞ୍ଜାମ, ୧୪ ।୩(ସମିସ):** ଗଞ୍ଜାମ ସହରର ସମାଜସେବୀ ବିଶ୍ୱନାଥ ସାମନ୍ତରାଙ୍କ ଅକାଳ ବିୟୋଗ ଘଟିଛି। ଶୁକ୍ରବାର ରାତିରେ ସେ ମଧ୍ୟଖଣ୍ଡ ସାହିସ୍ଥିତ ନିଜ ଲୁଗା ଦୋକାନ ସମ୍ମୁଖରେ କିଛି ବନ୍ଧୁଙ୍କ ସହ ବସି ଆଲୋଚନା କରୁଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଋଷିକୁଲ୍ୟା ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରିବେଶବିତ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ।

## ଗଜପତିରେ ଲୋକ ଅଦାଲତ

## ୨୪୯୮ଟି ମାମଲାର ସମାଧାନ; ୮, ୪୨, ୪୨୫ ଟଙ୍କା ଆଦାୟ



**ପାରଳାଖେମୁଣ୍ଡି, ୧୪ ।୩(ସମିସ):** ଜାତୀୟ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକାରଣଙ୍କ ନିର୍ଦ୍ଦେଶ କ୍ରମେ ୨୦୨୬ ମସିହାର ପ୍ରଥମ ଜାତୀୟ ଲୋକ ଅଦାଲତ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ଆର୍. ଉଦୟଗିରି, ମୋହନା ଓ କାଶୀନଗର ଗ୍ରାମ ନ୍ୟାୟାଳୟରେ ଆୟୋଜିତ ହୋଇଥିଲା। ଗଜପତି ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ପରିବାର ଅଦାଲତର ବିଚାରପତି ଡ଼. ଜୀବନଜ୍ୟୋତି ରଥ, ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ବିଭୁ ପ୍ରସାଦ ପଣ୍ଡା, ବିଶେଷ ଅଦାଲତର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ସତ୍ୟନାରାୟଣ ପାତ୍ର, ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ସିନିୟର ଡିଭିଜନ ସିଭିଲ୍ ଜଜ୍ ତଥା ମହିଳା ଅଦାଲତର ରସ୍ମିତା ସାହୁ, ପାରଳାଖେମୁଣ୍ଡି ଏସଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ ପାରଳାଖେମୁଣ୍ଡି ଜେଏମ୍ଏଫସି ସତ୍ୟଜିତ ପାଣି ଉପସ୍ଥିତ ରହି ନିଜ ନିଜ ଅଦାଲତରେ ଲୋକ ଅଦାଲତର କାର୍ଯ୍ୟସୂଚୀ ପରିଚାଳନା କରିଥିଲେ। ଏହାସହିତ ଆର୍.ଉଦୟଗିରି ସିନିୟର ଡିଭିଜନର ସିଭିଲ୍ ଜଜ୍ ସୌଦାମିନୀ ବିଶ୍ୱାଳ, ଆର୍.ଉଦୟଗିରି ଜେଏମଏଫସି ତରୁଣ କୁମାର ସେଠୀ, ମୋହନା ଜେଏମଏଫସି ସୁଭଜିତ ବେହେରା, କାଶୀନଗର ଜେଏମଏଫସି ତଥା ଗ୍ରାମ ନ୍ୟାୟାଧିକାରୀ ମୋନାଲି ବେହେରା ମଧ୍ୟ ନିଜ ନିଜ ଅଦାଲତରେ ଲୋକ ଅଦାଲତ ଆୟୋଜନ କରିଥିଲେ। ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କ, ବିଦ୍ୟୁତ ବିଭାଗ ଓ ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଉଭୟ ପକ୍ଷର ସମ୍ମତିରେ ଅନେକ ମାମଲାର ସମାଧାନ ସାମ୍ମତିକ ଭାବେ କରାଯାଇଥିଲା। ଏହି ଲୋକ ଅଦାଲତରେ ସର୍ବମୋଟ ୩୮୩୫ ମାମଲା ଗ୍ରହଣ କରାଯାଇଥିବା ବେଳେ ୨୪୯୮ ମାମଲାର ସମାଧାନ କରାଯାଇଥିଲା ଏବଂ ସର୍ବମୋଟ ୮, ୪୨, ୪୨୫ ଟଙ୍କା ଆଦାୟ ହୋଇଥିଲା।

## ଜାତୀୟ ସୁରକ୍ଷା ସପ୍ତାହ ପାଳିତ




**ଗଞ୍ଜାମ, ୧୪ ।୩(ସମିସ):** ସ୍ଥାନୀୟ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଗଞ୍ଜାମ ୟୁନିଟ୍ ପକ୍ଷରୁ ଚଳିତ ବର୍ଷର 'ଜାତୀୟ ସୁରକ୍ଷା ସପ୍ତାହ-୨୦୨୬' ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହ କାରଖାନା ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କାରଖାନା ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ ଅବନୀକାନ୍ତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ରଞ୍ଜିତ ନାୟକ ଯୋଗ ଦେଇ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାସିମ୍‌ର ୟୁନିଟ୍ ହେଡ୍ ଅଜୟ ଗୁପ୍ତା, ଫଙ୍କସନାଲ୍ ହେଡ୍ ନିରୋଜା ପଟ୍ଟନାୟକ, ଟେକ୍ନିକାଲ ହେଡ ରାକେଶ ସିଂ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ଉପସ୍ଥିତ ଥିଲେ। ଏହି ଉତ୍ସବ କର୍ମଚାରୀମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଭରିବା ସହ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## 'ଲୋକ ଅଧିକାର ଯାତ୍ରା'ର ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧନା

ଛତ୍ରପୁର/ଗଞ୍ଜାମ/ରମ୍ଭା, ୧୪ ।୩(ସମିସ)




ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଚାଲିଥିବା 'ଲୋକ ଅଧିକାର ଯାତ୍ରା' ଅଭିଯାତ୍ରୀ ଦଳକୁ ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଜନ ଆନ୍ଦୋଳନ ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ଡାକ୍ତର ବିଶ୍ୱଜିତ, ଚାଷୀ ମୂଲିଆ ଆଦିବାସୀ ସଂଘ (ନାରାୟଣ ପାଟଣା)ର ନେତା ନାଚିକା ଲିଙ୍ଗା, ରୁଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ମା' ମାଟି ସୁରକ୍ଷା ମଞ୍ଚର ଲକ୍ଷ୍ମଣ ନାୟକ, ସମାଜବାଦୀ ଜନ ପରିଷଦର ରାଜ କିଶୋର, ସୁରେଶ ସଂଗ୍ରାମ, ଉପେନ୍ଦ୍ର ଦ୍ରାବିଡ଼ଙ୍କ ସମେତ ୧୫ ଜଣିଆ ଅଭିଯାତ୍ରୀ ଦଳକୁ ପ୍ରଥମେ ଚମାଖଣ୍ଡି ଛକ ଓ ସିପିଆଇ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, କେଶବ ନାହାକ, ଏନ. ପାଣ୍ଡେୟା ରେଡ୍ଡୀ, କେଶବ ବେହେରାଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ପୋଡାପଦର ଠାରେ ଛତ୍ରପୁର କଂଗେସ ପକ୍ଷରୁ ବରିଷ୍ଠ ନେତା ଭାଗିରଥି ବେହେରାଙ୍କ ନେତୃତ୍ୱରେ ଏହି ଅଭିଯାତ୍ରୀ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରେ ପୂର୍ବତନ ନଗର ପାଳ ରାମ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ ଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ। ଏହା ସହିତ ଏହି ଅଭିଯାତ୍ରୀ ଦଳକୁ ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ରାଜେନ୍ଦ୍ର ନାହାକ, ରଞ୍ଜନ ସେଠୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ଏହି ଦଳକୁ ଗଞ୍ଜାମ ଓ ରମ୍ଭା ଠାରେ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଗଞ୍ଜାମ ବ୍ଲକ ସ୍ଥିତ ସୁବଳୟା ପଞ୍ଚାୟତ ତରଫରୁ ସ୍ଥାନୀୟ ବାଲି ବଗଡ଼ ଗ୍ରାମରେ ପରିବେଶ ନ୍ୟାୟିକ ସୁରକ୍ଷା ରାଷ୍ଟ୍ରୀୟ ସମନ୍ୱୟ ମଞ୍ଚ, ଓଡ଼ିଶା ଲୋକଶକ୍ତି ଅଭିଯାନ ରଥକୁ ପଥପ୍ରାନ୍ତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଏହି ପରିକ୍ରମା ରଥକୁ ସ୍ୱାଗତ କରିବା ସହ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଦନ୍ତପୁର ଐତିହ୍ୟ ସଂସ୍କୃତି ଗବେଷଣା ପରିଷଦ ଆବାହକ ଅଶୋକ ସାହୁ, ସୁବଳୟା ପଞ୍ଚାୟତର ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ନାଏବ ସରପଞ୍ଚ ରାକେଶ କୁମାର ସାହୁ, ଆଇନଜୀବୀ କୁଶ ବେହେରା, ବାଲି ବଗଡ଼ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟା ସମେତ ଗ୍ରାମ ପ୍ରତିନିଧି ବର୍ଗ ଯୋଗ ଦେଇଥିଲେ।

